# NATIONAL NEWS BULLETIN (ODIA)

**1 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଯୋଗ ଓ ସ୍ୱାସ୍ଥ୍ୟ ସଂରକ୍ଷଣର ପରମ୍ପରା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ - କହିଲେ ରାଷ୍ଟ୍ରପତି ।

- ପ୍ରଧାନମନ୍ତ୍ରୀ କହିଛନ୍ତି ପ୍ରତିଭାର ପ୍ରବେଶ ଏବଂ ଦକ୍ଷତା କେନ୍ଦ୍ରୀକରଣ କ୍ଷେତ୍ରରେ ଭାରତର ସାମର୍ଥ୍ୟକୁ ବୃଦ୍ଧିକରିବ କୃତ୍ରିମ ବୁଦ୍ଧିମତା ।

- ଆମେରିକାରେ ଆୟୋଜିତ ହେବାକୁ ଥିବା କ୍ୱାଡ୍ ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକରେ ଯୋଗଦେବେ ଡକ୍ଟର ଏସ୍ ଜୟଶଙ୍କର ।

- ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ୭୦ବର୍ଷପୂର୍ତ୍ତି ଅବସରରେ ଅଭିନନ୍ଦନ ଜଣାଇଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ।

ଏବଂ

- ତେଲେଙ୍ଗାନାର ଏକ ଔଷଧ ପ୍ରସ୍ତୁତ କାରଖାନାରେ ଯନ୍ତ୍ରାଂଶରେ ବିସ୍ଫୋରଣ ଘଟି ୩୫ ମୃତ ।

# ପ୍ରେଜ୍-ଗୋରଖପୁର ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉତ୍ତରପ୍ରଦେଶର ପ୍ରଥମ ମହାଯୋଗୀ ଗୁରୁ ଗୋରଖନାଥ ଆୟୁଷ ବିଶ୍ୱବିଦ୍ୟାଳୟକୁ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ବିଶ୍ୱବିଦ୍ୟାଳୟକୁ ଭାରତର ପ୍ରାଚୀନ ପରମ୍ପରା ଏବଂ ମୂଲ୍ୟବୋଧର ଏକ ଆଧୁନିକ କେନ୍ଦ୍ର ଭାବେ ବର୍ଣ୍ଣନା କରି ରାଷ୍ଟ୍ରପତି କହିଛନ୍ତି ଯେ ଏହି ବିଶ୍ୱବିଦ୍ୟାଳୟ କେବଳ ଉତ୍ତରପ୍ରଦେଶ ପାଇଁ ନୁହେଁ; ବରଂ ସମଗ୍ର ଦେଶ ପାଇଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଆୟୁର୍ବେଦ, ୟୁନାନି ଏବଂ ହୋମିଓପାଥି ସମେତ ପାରମ୍ପରିକ ଚିକିତ୍ସା ପ୍ରଣାଳୀରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ କାର୍ଯ୍ୟ କରିବ ବୋଲି ରାଷ୍ଟ୍ରପତି କହିଛନ୍ତି ।

**V/O (President)**

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ଯେ ଭାରତରେ ଯୋଗ ଏବଂ ସ୍ୱାସ୍ଥ୍ୟ ସଂରକ୍ଷଣର ପରମ୍ପରା ପ୍ରାଚୀନ କାଳରୁ ରହିଛି । ୨୦୪୭ ମସିହା ସୁଦ୍ଧା ଦେଶକୁ ବିକଶିତ କରିବା ପାଇଁ ଏହି ପରମ୍ପରାକୁ ଆଗକୁ ନେବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

# ପିଏମ୍-ଡିଜିଟାଲ ଇଣ୍ଡିଆ ବ୍ଲଗ

ଡିଜିଟାଲ ଇଣ୍ଡିଆ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି ଏବଂ ଏକ ଆତ୍ମନିର୍ଭର ଭାରତ ନିର୍ମାଣ ତଥା ଭାରତକୁ ବିଶ୍ୱ ପାଇଁ ଏକ ବିଶ୍ୱସ୍ତ

ନବସୃଜନ ଅଂଶୀଦାର କରିବାରେ ଏହା କେନ୍ଦ୍ରବିନ୍ଦୁ ସାଜିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ।

ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ୧୦ବର୍ଷ ପୂର୍ତ୍ତି ଅବସରରେ ଏକ ବ୍ଲଗରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତ ଡିଜିଟାଲ ଗଭର୍ଣ୍ଣାନ୍ସରୁ ବିଶ୍ୱ ଡିଜିଟାଲ ନେତୃତ୍ୱଆଡକୁ ଗତି କରୁଛି । ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ଯେ ଏକ ସମୟରେ ଭାରତୀୟମାନେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବାର କ୍ଷମତା ଉପରେ ସନ୍ଦେହ କରିବାର ଦଶନ୍ଧି ବିତାଇଥିବାବେଳେ ଏହି ମାନସିକତା ଏବେ ବଦଳିଛି । ପ୍ରଯୁକ୍ତିବିଦ୍ୟା ଅସମାନତା ବୃଦ୍ଧି କରିବ ବୋଲି ବିଶ୍ୱାସ କରିବା ପରିବର୍ତ୍ତେ ବର୍ତ୍ତମାନ ଧନୀ ଏବଂ ଗରିବଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରିବା ପାଇଁ ଏହାର ଉପଯୋଗ କରାଯାଉଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେତେବେଳେ ଉଦ୍ଦେଶ୍ୟ ମହତ୍ୱ ଥାଏ, ନବସୃଜନ କମ୍ ସଶକ୍ତ ଲୋକଙ୍କୁ ସଶକ୍ତ କରିଥାଏ ଏବଂ ସମାବେଶୀ ଆଭିମୁଖ୍ୟ ଅବହେଳିତଙ୍କ ଜୀବନରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିଥାଏ । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ୪୨ଲକ୍ଷ କିଲୋମିଟରରୁ ଅଧିକ ଅପ୍ଟିକାଲ ଫାଇଭର କେବୁଲ, ଯାହା ପୃଥିବୀ ଏବଂ ଚନ୍ଦ୍ର ମଧ୍ୟରେ ଦୂରତାଠାରୁ ୧୧ଗୁଣ ଅଧିକ, ସେଭଳି ଦୁର୍ଗମ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକୁ ମଧ୍ୟ ସଂଯୋଗ କରୁଛି । ପ୍ରଧାନମନ୍ତ୍ରୀ କହିଥିଲେ ଯେ ମାତ୍ର ୨ବର୍ଷ ମଧ୍ୟରେ ଭାରତରେ ୪ ଦଶମିକ ୮/୧ ଲକ୍ଷ ବେସ୍ ଷ୍ଟେସନ ସ୍ଥାପନ କରାଯାଇଥିବାରୁ ଏହା ବିଶ୍ୱର ଦ୍ରୁତତମ ୫ଜି ସେବା ପ୍ରଦାନକାରୀ ଦେଶମାନଙ୍କ ମଧ୍ୟରେ ଅନ୍ୟତମ ହୋଇପାରିଛି । ହାଇସ୍ପିଡ୍ ଇଣ୍ଟରନେଟ୍ କେବଳ ସହରାଞ୍ଚଳ କେନ୍ଦ୍ରଗୁଡ଼ିକରେ ନୁହେଁ ବରଂ ଗଲୱାନ, ସିଆଚେନ୍

ଏବଂ ଲଦାଖ ସମେତ ଆଗଧାଡିର ସାମରିକ ପୋଷ୍ଟ ଗୁଡ଼ିକରେ ମଧ୍ଯ ପହଞ୍ଚିଛି ।

ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଭାରତର ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି - ଡିପିଆଇ ଅଧୀନରେ ଆଧାର, କୋ-ୱିନ୍, ଡିଜିଲକର, ଫାଷ୍ଟ୍ଟ୍ୟାଗ୍, ପିଏମ୍ ୱାନି ଏବଂ ୱାନ୍ ନେସନ ୱାନ୍ ସବ୍ସ୍କ୍ରିପସନ ଭଳି ପ୍ଲାଟଫର୍ମଗୁଡ଼ିକୁ ଏବେ ବିଶ୍ୱସ୍ତରରେ ଅଧ୍ୟୟନ କରାଯାଉଛି ଏବଂ ଗ୍ରହଣ ମଧ୍ଯ ହୋଇଛି । କୋ-ୱିନ୍ ପ୍ଲାଟଫର୍ମ ୨୨୦ କୋଟିରୁ ଅଧିକ କ୍ୟୁଆର୍ ଯାଞ୍ଚଯୋଗ୍ୟ ପ୍ରମାଣପତ୍ର ପ୍ରଦାନ କରି ବିଶ୍ୱର ସର୍ବବୃହତ୍ ଟୀକାକରଣ ଅଭିଯାନକୁ ସକ୍ଷମ କରିଛି । ସେ ଆହୁରି କହିଛନ୍ତି ଯେ ଡିଜିଲକର ବର୍ତ୍ତମାନ ୫୪କୋଟି ଉପଭୋକ୍ତାଙ୍କୁ ସେବା ପ୍ରଦାନ କରୁଛି ଏବଂ ୭୭୫ କୋଟିରୁ ଅଧିକ ଡକ୍ୟୁମେଣ୍ଟକୁ ପରିଚାଳନା କରୁଛି । ଏଥିସହିତ ୧ ଦଶମିକ ୮ ଲକ୍ଷରୁ ଅଧିକ ଷ୍ଟାର୍ଟଅପ ସହିତ ଭାରତ ବିଶ୍ୱର ଶ୍ରେଷ୍ଠ ୩ଟି ଷ୍ଟାର୍ଟଅପ୍ ଇକୋ ସିଷ୍ଟମ ମଧ୍ୟରେ ଉଭା ହୋଇଛି । ଏହି ଅଭିବୃଦ୍ଧି କେବଳ ଏକ ଷ୍ଟାର୍ଟଅପ୍ ଆନ୍ଦୋଳନ ନୁହେଁ ବରଂ ବୈଷୟିକ ପୁର୍ନଜାଗରଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଯୁବ ପିଢ଼ୀଙ୍କ ମଧ୍ୟରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ-କୃତ୍ରିମ ବୁଦ୍ଧିମତା ପ୍ରତିଭାର ପ୍ରବେଶ ଏବଂ ଦକ୍ଷତା କେନ୍ଦ୍ରୀକରଣ କ୍ଷେତ୍ରରେ ଭାରତର ସାମର୍ଥ୍ୟକୁ ପ୍ରଧାନମନ୍ତ୍ରୀ ତାଙ୍କ ବ୍ଲଗରେ ବିଶେଷଭାବେ ଉଲ୍ଲେଖ କରିଛନ୍ତି ।

# ଜୟଶଙ୍କର-କ୍ୱାଡ୍ ମିଟିଂ

ଭାରତ ଏବଂ ଆମେରିକା ମଧ୍ୟରେ ଥିବା ସମ୍ପର୍କକୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଗତ ୫ଜଣ ଆମେରିକୀୟ ରାଷ୍ଟ୍ରପତିଙ୍କ ଅଧୀନରେ ଦୁଇଦେଶ ଦୃଢ଼ ଏବଂ ଅତ୍ୟନ୍ତ ସକରାତ୍ମକ ସମ୍ପର୍କ ଉପଭୋଗ କରିଛନ୍ତି । ସଂପ୍ରତି ଆମେରିକା ଗସ୍ତରେ ଥିବା ବୈଦେଶିକ ମନ୍ତ୍ରୀ ଡକ୍ଟର ଜୟଶଙ୍କର କହିଛନ୍ତି ଯେ ଗତ ୨୫ବର୍ଷ ମଧ୍ୟରେ ଭାରତ-ଆମେରିକା ସମ୍ପର୍କର ଧାରା ଖୁବ୍ ମଜଭୁତ ରହିଛି । ଅର୍ଥନୀତି, ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ସୁରକ୍ଷା ଏବଂ ଶକ୍ତି କ୍ଷେତ୍ର ଗୁଡ଼ିକ ଉଭୟ ଦେଶର ସମ୍ପର୍କକୁ ଅଧିକ ମଜଭୁତ କରିଛି ବୋଲି ଶ୍ରୀ ଜୟଶଙ୍କର କହିଛନ୍ତି ।

ଆମେରିକାର ୱାଶିଂଟନ୍ ଡି.ସି. ଠାରେ ଆୟୋଜିତ କ୍ୱାଡ୍ ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକରେ ଡକ୍ଟର ଏସ୍. ଜୟଶଙ୍କର ଯୋଗଦେବେ । ବୈଦେଶିକ ମନ୍ତ୍ରଣାଳୟ କହିଛି, ଏହି ବୈଠକରେ ଗତ ଜାନୁଆରୀ ୨୧ ତାରିଖରେ ଅନୁଷ୍ଠିତ ହୋଇଥିବା ବୈଠକ ନିଷ୍ପତ୍ତିର କାର୍ଯ୍ୟାନ୍ୱୟନ ଉପରେ ମତ ବିନିମୟ ହେବ । ଆଞ୍ଚଳିକ ଏବଂ ବିଭିନ୍ନ ବୈଶ୍ୱିକ ପ୍ରସଙ୍ଗ ନେଇ ଏହି ବୈଠକରେ ବୈଦେଶିକ ମନ୍ତ୍ରୀମାନଙ୍କ ମଧ୍ୟରେ ଆଲୋଚନା ହେବା ସହ ଭାରତ-ପ୍ରଶାନ୍ତ ମହାସାଗରୀୟ ପ୍ରସଙ୍ଗ ଗୁଡ଼ିକ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯିବ ।

# ସୀତାରମଣ-ଏସ୍‌ବିଆଇ

ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ - ଏସ୍‌ବିଆଇ ଆଜି ୭୦ ବର୍ଷ ପୂରଣ କରିବା ଅବସରରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ଦର୍ଶାଇଛନ୍ତି ୨୩ହଜାରରୁ ଅଧିକ ଶାଖା, ୭୮ହଜାର ଗ୍ରାହକ ସେବାକେନ୍ଦ୍ର ଏବଂ ୬୪ହଜାର ଏଟିଏମ୍ କାଉଣ୍ଟର ସହିତ ଆଜି ଏସ୍‌ବିଆଇ ନିଜର ସ୍ଥିତି ମଜଭୁତ କରିଛି । ଏବଂ ଏହା ପ୍ରକୃତରେ ପ୍ରତ୍ୟେକ ଭାରତୀୟଙ୍କ ବ୍ୟାଙ୍କ ଭାବେ ନିଜକୁ ପରିଚିତ କରାଇପାରିଛି । ଗତ ଦଶନ୍ଧିରେ ଏସ୍‌ବିଆଇ ହାସଲ କରିଥିବା ଡିଜିଟାଲ ପରିବର୍ତ୍ତନ ଏହାର ଗ୍ରାହକମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

ରାଷ୍ଟ୍ର ନିର୍ମାଣରେ ବ୍ୟାଙ୍କର ପ୍ରଭାବ ଉପରେ ଆଲୋକପାତ କରି ଅର୍ଥମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଏସ୍‌ବିଆଇ ଦେଢ଼କୋଟି କୃଷକ, ମହିଳାଙ୍କ ନେତୃତ୍ୱରେ ୧କୋଟି ୩୦ଲକ୍ଷ ସ୍ୱୟଂସହାୟକ ଗୋଷ୍ଠୀ, ପିଏମ୍ ସ୍ୱନିଧି ଅଧୀନରେ ୩୨ଲକ୍ଷ ରାସ୍ତାକଡ଼ ବିକ୍ରେତା, ୨୩ଲକ୍ଷ ଏମ୍‌ଏସ୍‌ଏମ୍‌ଇ ଏବଂ ଲକ୍ଷଲକ୍ଷ କାରିଗରଙ୍କୁ ବିଭିନ୍ନ ଯୋଜନାରେ ସହାୟତା କରୁଛି । ୨୦୪୭ ମସିହା ସୁଦ୍ଧା 'ବିକଶିତ ଭାରତ' ଦିଗରେ ନିଜର ଯାତ୍ରା ଜାରି ରଖିଥିବାରୁ ଏହି ଐତିହାସିକ ଆର୍ଥିକ ଅନୁଷ୍ଠାନ ଅଭିନବତ୍ୱ ଓ ସଶକ୍ତିକରଣ ଜାରି ରଖିବ ବୋଲି ଅର୍ଥମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

# ତେଲେଙ୍ଗାନା-ଡେଥ୍ ଟୋଲ

ତେଲେଙ୍ଗାନା ରାଜ୍ୟ ସାଙ୍ଗାରେଡ୍ଡୀ ଜିଲ୍ଲାର ପାସାମିଲାତମ ଔଷଧ ପ୍ରସ୍ତୁତ କାରଖାନାରେ ବିସ୍ଫୋରଣ ଘଟି ୩୫ଜଣଙ୍କ ମୃତ୍ୟୁ ହୋଇଛି । ଘଟଣାସ୍ଥଳରୁ ପୋଲିସ ଏପର୍ଯ୍ୟନ୍ତ ୧୧ଟି ମୃତଦେହ ଚିହ୍ନଟ କରିଛି । ଏବେ ସୁଦ୍ଧା ଦୁର୍ଘଟଣାସ୍ଥଳରେ ୧୬ଜଣ ଶ୍ରମିକ ଫସି ରହିଥିବା ଆଶଙ୍କା କରାଯାଉଛି । ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଅନ୍ୟ ୩୫ଜଣ ଆହତଙ୍କ ମଧ୍ୟରୁ ୧୨ଜଣଙ୍କ ଅବସ୍ଥା ଶଙ୍କଟାପନ୍ନ ରହିଛି । ଘଟଣାସ୍ଥଳରେ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ଉଦ୍ଧାର କାର୍ଯ୍ୟ କରୁଛନ୍ତି । ମୃତକମାନଙ୍କ ମଧ୍ୟରେ ଅଧିକାଂଶ ଓଡ଼ିଶା, ଉତ୍ତରପ୍ରଦେଶ ଏବଂ ବିହାରର ହୋଇଥିବା କୁହାଯାଇଛି ।

ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଦୁର୍ଘଟଣାସ୍ଥଳ ପରିଦର୍ଶନ କରି ଉଦ୍ଧାରକାର୍ଯ୍ୟର ସମୀକ୍ଷା କରିଛନ୍ତି । ସେ ମଧ୍ୟ ଆହତମାନେ ଚିକିତ୍ସିତ ହେଉଥିବା ହସ୍ପିଟାଲ ପରିଦର୍ଶନ କରିଥିବା ଜଣାପଡିଛି । ଏହି ଘଟଣାର ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାର ପିଛା ୧ କୋଟି ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ଆହତମାନଙ୍କୁ ୧୦ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ମୃତକମାନଙ୍କ ଚିହ୍ନଟ ଲାଗି ଡିଏନ୍‌ଏ ପରୀକ୍ଷା କରାଯିବ ବୋଲି ଜଣାପଡିଛି ।

# ଜିଏସ୍‌ଟି ୮ ଇୟର୍ସ

ଦେଶରେ ଦ୍ରବ୍ୟ ଓ ସେବାକର ଜି.ଏସ୍‌.ଟି. କାର୍ଯ୍ୟକାରୀ ହେବା ଆଜିକୁ ୮ ବର୍ଷ ପୂରଣ ହୋଇଛି । ଆର୍ଥିକ ଏକୀକରଣ ଉଦ୍ଦେଶ୍ୟ ନେଇ ୨୦୧୭ ଜୁଲାଇ ପହିଲାରେ ଜି.ଏସ୍‌.ଟି. ଆଇନ୍‌ ଦେଶରେ ପ୍ରଚଳନ କରାଯାଇଥିଲା । ପରୋକ୍ଷ ଟିକସ ବ୍ୟବସ୍ଥାକୁ ଏହା ଏକକ, ସମନ୍ୱିତ ଏବଂ ସୁ-ବ୍ୟବସ୍ଥିତ କରିପାରିଛି । ଟିକସ ଅନୁପାଳନକୁ ସହଜ କରିବା ସହିତ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକର ଖର୍ଚ୍ଚ ହ୍ରାସ ପାଇଛି ।

ଦେଶରେ ଜିଏସ୍‌ଟି ହାର ଜିଏସ୍‌ଟି ପରିଷଦ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ, ଯେଉଁଥିରେ କେନ୍ଦ୍ର ଏବଂ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ପ୍ରତିନିଧିମାନେ ସାମିଲ ହୋଇଥାନ୍ତି । ବର୍ତ୍ତମାନର ଜିଏସ୍‌ଟି ଢ଼ାଞ୍ଚାରେ ୫ ପ୍ରତିଶତ, ୧୨ ପ୍ରତିଶତ, ୧୮ ପ୍ରତିଶତ ଏବଂ ୨୮ ପ୍ରତିଶତ ଭଳି ୪ଟି ମୁଖ୍ୟହାର ରହିଛି । ଜିଏସ୍‌ଟି ବହୁ ପ୍ରକାରର ପରୋକ୍ଷ ଟିକସକୁ ଗୋଟିଏ ଛତାତଳକୁ ଆଣିଛି । ଏକ୍ସାଇଜ୍‌ ଡ୍ୟୁଟି, ସର୍ଭିସ୍‌ ଟ୍ୟାକ୍ସ, ଭାଟ୍‌ ଏବଂ ଅନ୍ୟାନ୍ୟ ଶୁଳ୍କକୁ ଜିଏସ୍‌ଟି ବଦଳାଇ ଦେଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜି.ଏସ୍‌.ଟି.କୁ ନବଭାରତର ଏକ ଯୁଗାନ୍ତକାରୀ ଆଇନ୍‌ ଭାବେ ଅଭିହିତ କରିଛନ୍ତି । ୮ ବର୍ଷ ମଧ୍ୟରେ ଜି.ଏସ୍‌.ଟି. ଅନେକ ଉପଲବ୍ଧି ହାସଲ କରିଛି । ଗତ ଆର୍ଥିକ ବର୍ଷରେ ମୋଟ୍‌ ଜି.ଏସ୍‌.ଟି. ସଂଗ୍ରହ ରେକର୍ଡ ପରିମାଣ ୨୨ ଲକ୍ଷ ୮୦ ହଜାର କୋଟି ଟଙ୍କାରେ ପହଞ୍ଚିଛି । ପୂର୍ବ ବର୍ଷ ତୁଳନାରେ ଏହା ୯ ଦଶମିକ୍‌ ୪

ପ୍ରତିଶତ ବୃଦ୍ଧି ପାଇଛି । ଗତ ଆର୍ଥିକ ବର୍ଷ ହାରାହାରି ମାସିକ ସଂଗ୍ରହ ୧ ଲକ୍ଷ ୮୪ ହଜାର କୋଟି ଟଙ୍କା ରହିଥିଲା ।

ରାଜସ୍ୱ ସଂଗ୍ରହରେ ନିରନ୍ତର ଅଭିବୃଦ୍ଧି ଏବଂ ଗତ ଏପ୍ରିଲ୍ ଶେଷ ସୁଦ୍ଧା ୧ କୋଟି ୫୧ ଲକ୍ଷରୁ ଅଧିକ ସକ୍ରିୟ କରଦାତା ଜି.ଏସ୍.ଟି.ର ସଫଳତାକୁ ପ୍ରତିପାଦନ କରୁଛି ।

## କ୍ରିକେଟ୍-ଟି-୨୦ ଓ୍ୱିମ୍ୟାନ୍

ଭାରତ-ଇଂଲଣ୍ଡ ମହିଳା ଟି-ଟ୍ୱେଣ୍ଟି ଚଳିତ ୫ଟିକିଆ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି ବ୍ରିଷ୍ଟୋଲ୍‌ର କାଉଣ୍ଟି ଗ୍ରାଉଣ୍ଡ ଠାରେ ଖେଳାଯିବ । ପ୍ରଥମ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ଇଂଲଣ୍ଡକୁ ପରାସ୍ତ କରି ସିରିଜ୍‌ରେ ୧-୦ରେ ଆଗୁଆ ଅଛି । ନଟିଂହାମ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ୯୭ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରିଥିଲା ।